ପ୍ରେସ୍ ନୋଟ୍

# ଆଜି ଅନୁଗୋଳ ଜିଲ୍ଲାରୁ ୯୮ ଜଣ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୯୮୩୫ ରେ ପହଞ୍ଚିଲା - ସୁସ୍ଥ ହେଲେ ୮୨ ଜଣ ।

ଅନୁଗୋଳ, ତା,୧୦.୧୧:- ଆଜି ଅନୁଗୋଳ ଜିଲ୍ଲାରୁ ୯୮ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ଆଜି (ସ୍ୱାବ ନମୁନା ଦେଇଥିବା ବ୍ୟକ୍ତି) କେହି ଆକ୍ରାନ୍ତ ଚିହ୍ନଟ ହୋଇ ନଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ୧୫୭ ରେ ରହିଛି । ଅନୁଗୋଳ ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ବଆଁରପାଳ ବ୍ଲକ୍ ଅଂଚଳରୁ ସର୍ବାଧିକ ୪୦ଜଣ (୨୭ ଜଣ ପୁରୁଷ ଓ ୧୩ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୧୪ଜଣ (୧୦ ଜଣ ପୁରୁଷ ଓ ୪ ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୧୩ଜଣ ( ୧୦ଜଣ ପୁରୁଷ ଓ ୩ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୧୧ଜଣ ( ୪ଜଣ ପୁରୁଷ ଓ ୭ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୬ଜଣ ( ୩ଜଣ ପୁରୁଷ ଓ ୩ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୫ଜଣ ( ୩ଜଣ ପୁରୁଷ ଓ ୨ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୪ଜଣ ( ୪ଜଣ ପୁରୁଷ ), କଣିହାଁ ବ୍ଲକ୍ ଅଂଚଳରୁ ୨ଜଣ ( ୧ଜଣ ପୁରୁଷ ଓ୧ ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୨ଜଣ ( ୧ଜଣ ପୁରୁଷ ଓ ୧ଜଣ ମହିଳା) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୧ ଜଣ ( ୧ ଜଣ ମହିଳା), ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୮୨ଜଣ ସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୨ଜଣ କୋଭିଡ ହସପିଟାଲରୁ ,୩ ଜଣ କୋଭିଡ କେୟାର ସେଣ୍ଟରରୁ ଓ ୬୭ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

ପ୍ର. ପୃ -

ଆଗାମୀ ପର୍ବ ପର୍ବାଣିରେ ଅଧିକ ଭିଡ ଓ ଶୀତ ଦିନେ କରୋନା ସଂକ୍ରମଣ ଅଧିକ ବ୍ୟାପିବାର ଆଶଙ୍କା ଥିବାରୁ ଆଜି ଅପରାହ୍ଣରେ ଜିଲ୍ଲାପାଳ କରୋନାର ସ୍ଥିତି ଓ ଯାଂଚ କାର୍ଯ୍ୟ (Enforcement) କୁ ନେଇ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମୀକ୍ଷା କରିଛନ୍ତି । କୋଭିଡ ପରିକ୍ଷାକୁ ବ୍ୟାପକ ଭାବେ କରିବା ସହ ଜନସମାଗମ ସ୍ଥାନରେ ସମସ୍ତ ପ୍ରକାର କୋଭିଡ୍ ନିୟମାବଳୀକୁ କଡା କଡି କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦେଇଛନ୍ତି । ଆସନ୍ତା ଦିପାବଳୀ ଓ କାର୍ତ୍ତିକ ପୂର୍ଣ୍ଣିମାରେ ଭିଡକୁ ଦୃଷ୍ଟିରେ ରଖି ସଜାଗ ଓ ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ମାସରେ କୋଭିଡ୍ ପରିଚାଳନାକୁ କଡାକଡି ଭାବେ ପାଳନ କଲେ ଆସନ୍ତା ଡିସେମ୍ବର ଓ ଜାନୁୟାରୀରେ ବଡ ଦିନ ଓ ନୂଆ ବର୍ଷ ପାଳନରେ ଅଧିକ ଜନସମାଗମ ସ୍ଥାନରେ କୋଭିଡ ନିୟମାବଳୀକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି । ପୂର୍ବରୁ ଚାଲୁଥିବା ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବା ସହ ମିଳିତ ମେଡିକାଲ ଦଳ ଦ୍ୱାରା ହେଲ୍ଥ ସର୍ଭେ କାର୍ଯ୍ୟ ଜାରି ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଉପ-ଜିଲ୍ଲାପାଳମାନେ ନିଜ ନିଜ ଅଂଚଳର ରେଡ୍ ଜୋନ୍ ଅଂଚଳରେ ବ୍ୟାପକ ଯାଂଚ କାର୍ଯ୍ୟ (Enforcement) ଜାରି ରଖିବା ସହ ଆସନ୍ତା ମାସ ପାଇଁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ଓ ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଆମ ଜିଲ୍ଲାରେ ୭ ହଜାର ୩୧୨ ଜଣ ହେଲଥ୍ କେୟାର ୱାର୍କରମାନଂକୁ କୋଭିଡ୍ ଟୀକା ଦିଆଯିବ ବୋଲି ଏକ ପ୍ରାଥମିକ ଆକଳନରୁ ଜଣାପଡିଛି । ଖୁବ୍ ଶିଘ୍ର ଜିଲ୍ଲା ଟାସ୍କ ଫୋର୍ସ ଗଠନ କରି ଏହାର ନିଷ୍ପତ୍ତି ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଏ ଡି ଏମ୍ ଓ ଡା. ଦିଲ୍ଲିପ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୭୩୩ ତା.୧୦.୧୧.୨୦୨୦ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

